**ବିରୋଧୀ ଦଳର ନେତା, ରାଜ୍ୟ ସଭା ଶ୍ରୀ ଅରୁଣ ଜେଟଲୀଙ୍କ ଫେସ ବୁକରେ ଦେଇଥିବା ଟିପ୍ପଣୀ**

**ତା.୨.୧୨.୨୦୧୩**

**ଜାମ୍ମୁ ଓ କାଶ୍ମୀରରେ କନ୍ୟା ସନ୍ତାନ ବିରୋଧୀ ସ୍ଥିତି ।**

ଗତ କାଲି ଜାମ୍ମୁ ଓ କାଶ୍ମୀରରେ ଶ୍ରୀ ନରେନ୍ଦ୍ର ମୋଦି ଓ ଶ୍ରୀ ରାଜନାଥ ସିଂହ ଏକ ବିରାଟ ର୍‍ୟାଲିରେ ସମ୍ବୋଧନ କରିଥିଲେ । ଜାମ୍ମୁ ଓ କାଶ୍ମୀରର ଅଖଣ୍ଡତା କେବଳ ଭାରତୀୟ ଜନସଙ୍ଘର ଆଦର୍ଶ ନଥିଲା ବରଂ ଭାରତୀୟ ଜନତା ପାର୍ଟିର ମଧ୍ୟ ଆଦର୍ଶ ଅଟେ । ଡଃ ଶ୍ୟାମ ପ୍ରସାଦ ମୂଖାର୍ଜୀଙ୍କ ଦୃଷ୍ଟିରେ ଅଖଣ୍ଡ ଭାରତର ଜାମ୍ମୁ ଓ କାଶ୍ମୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ଥିଲା । ଯାହାକୁ ଭା.ଜ.ପା ମଧ୍ୟ ସମର୍ଥନ କରେ ।

ନେହେରୁଙ୍କ ଦୃଷ୍ଟି କୋଣରୁ ୧୯୫୩ ର ପୂର୍ବ ସ୍ଥିତି ଅନୁଯାୟୀ ଜାମ୍ମୁ ଓ କାଶ୍ମୀରକୁ ସ୍ୱତନ୍ତ୍ର ମର୍ଯ୍ୟଦା ଦେବା ଓ ସ୍ୱାଧୀନତା ପରେ ମଧ୍ୟ ତାହାକୁ ସ୍ୱୟଂ ଶାସିତ କରି ରଖିବା ହିଁ ତାହାକୁ ଅନ୍ୟ ରାଜ୍ୟ ଗୁଡ଼ିକ ସହ ମିଶାଇବାକୁ ନଦେବା ସହ ସେଠାରେ ବିଚ୍ଛିନ୍ନତାବାଦର ଅଙ୍କୁରୋଦଗମ କରାଇଛି ।

**ଜାମ୍ମୁ କାଶ୍ମୀରରେ କନ୍ୟା ସନ୍ତାନ ବିରୋଧୀ ସ୍ଥିତି**

ଗତ ପାଞ୍ଚ ଦଶନ୍ଧି ଧରି ଜାମ୍ମୁ ଓ କାଶ୍ମୀରର କୌଣସି କନ୍ୟା ସନ୍ତାନ ଯଦି କୌଣସି ଅନ୍ୟ କୌଣସି ରାଜ୍ୟର ଯୁବକଙ୍କୁ ବିବାହ କରେ ତେବେ ସେ ନିଜର ସ୍ଥାୟୀ ବାସିନ୍ଦା ହେବାର ଅଧିକାର ହରାଇ ବସିବ ଜଣେ ପତ୍ନୀ ତାହାର ସ୍ୱାମୀର ପରିଚୟ ନେଇ ପରିଚୟ ପାଇବା ତଥ୍ୟକୁ ଅଧାର କରି ଉକ୍ତ ନିୟମ ତିଆରି କରାଯାଇଅଛି । ସେଠାକାର ବହୁ ସଂଖ୍ୟକ ମହିଳାଙ୍କ ପ୍ରତିବାଦ କ୍ରମେ ହାଇକୋର୍ଟରେ ବହୁ ଓକିଲଙ୍କ ସଂଖ୍ୟା ଗରିଷ୍ଠ ସମର୍ଥନ ପାଇଁ ଉକ୍ତ ବିଲରେ ପରିବର୍ତ୍ତନ ଅଣା ଯାଇଥିଲା କି, ବିବାହ ପରେ ମଧ୍ୟ ସେମାନେ ନିଜର ସ୍ଥାୟୀ ବାସିନ୍ଦା ହେବାର ମର୍ଯ୍ୟଦା ହରାଇବେ ନାହିଁ । ମାତ୍ର ସେତେବେଳେ କ୍ଷମତାରେ ଥିବା ନେସନାଲ କନଫରେନ୍ସ ସରକାରଙ୍କ ଦ୍ୱାରା ଆଡ଼ଭୋକେଟ ଜେନେରାଲ ଏମ.ଏ ଗୋନି ଉକ୍ତ ପ୍ରତିବାଦକୁ ତୀବ୍ର ବିରୋଧ କରିଥିଲେ । ରାଜ୍ୟ ସମ୍ବିଧାନର ସେକ୍ସନ ୬ ଅନୁଯାୟୀ ଉକ୍ତ ମହିଳା ନିଜର ସ୍ଥାୟୀ ବାସିନ୍ଦା ହେବାର ମର୍ଯ୍ୟଦା ହରାଇବା ସହ ସମସ୍ତ ସରକାରୀ ସୁବିଧା ସୁଯୋଗ, ମେଧା ବୃତ୍ତି ଏପରିକି ସରକାରୀ ଚାକିରି ମଧ୍ୟ ହରାଇ ବସିବେ । ତାହା ବ୍ୟତୀତ

ଜଣେ ପତ୍ନୀ ବା ବିଧବା ମହିଳାଙ୍କ ମର୍ଯ୍ୟଦା ତାର ସ୍ୱାମୀଙ୍କ ମର୍ଯ୍ୟଦା ଉପରେ ନିର୍ଭର କରେ । ଏପରିକି ସେମାନେ ବିବାହ ପର ଠାରୁ ପାଇ ଆସିଥିବା ସୁବିଧା ସୁଯୋଗକୁ ମଧ୍ୟ ହରାଇ ବସିବେ ।

ଓମାର ଅବ୍ଦୁଲ୍ଲାଙ୍କ ପାର୍ଟିର ଏହି ନିଷ୍ପତ୍ତିରେ ନେସନାଲ କନଫରେନ୍ସ ଅମଙ୍ଗ ହୋଇ ସୁପ୍ରିମ କୋର୍ଟଠାରେ ଏକ ଏସ.ଏଲ.ପି ଫାଇଲ କରିଥିଲା । ମାତ୍ର ୨୦୦୩ ମସିହାରେ ପି.ଡ଼ି.ପି ସରକାର ଓ କଂଗ୍ରେସ ପାର୍ଟି ଶାସନରେ ଆସିବା ପରେ ଉକ୍ତ ଏସ.ଏଲ.ପି କୁ ପ୍ରତ୍ୟାହାର କରି ଏକ ୨୦୦୪ ରେ ଜାମ୍ମୁ କାଶ୍ମୀର ରେସିଡ଼େଣ୍ଟ ବିଲ ଲାଗୁ କରିଥିଲେ । ଯାହାକି ରାଜ୍ୟ ବିଧାନ ସଭାରେ ଗୃହୀତ ହୋଇଥିଲା । ୨୦୦୪ ମାର୍ଚ୍ଚ ମାସରେ ଶ୍ରୀ ଅଟଳ ବିହାରୀଙ୍କ ସରକାର ଥିବା ସମୟରେ ସେ ଉକ୍ତ ସମସ୍ୟାର ଏକ ସ୍ଥାୟୀ ସମାଧାନ ଦେବା ପାଇଁ ପରାମର୍ଶ ଦେଇଥିଲେ । ସେତେବେଳେ ପି.ଡ଼ି.ପି ଓ ନେସନାଲ କନଫରେନ୍ସ ଏହାକୁ ସମ୍ବିଧାନର ୩୭୦ ଧାରା ସହ ମିଶାଇବାକୁ ଦେଇଥିଲେ ।

ବିଧାନ ସଭାରେ ଉକ୍ତ ବିଲଟି ପାସ ହେବା ପରେ ତାହା ପୁଣି ବିଧାନ ପରିଷଦକୁ ପଠାଯାଇଥିଲା । ମାତ୍ର ଭୋଟ ପ୍ରସ୍ତାବ ବିନା ଅଧ୍ୟକ୍ଷଙ୍କ ଗୃହ ମୁଲତବି ରଖିବା ଫଳରେ ଉକ୍ତ ବିଲଟି ଅଧାରେ ରହିଯାଇଥିଲା । ବର୍ତ୍ତମାନ ଏହାକୁ ପୁଣି ଲାଗୁ କରିବାର ଯୋଜନା ଚାଲିଅଛି ।

୨୦୧୦ ରେ ପି.ଡ଼ି.ପି ର ସଦସ୍ୟମାନେ ଉକ୍ତ ବିଲକୁ ନିଜର ଘରୋଇ ସମ୍ପଦ ଭଳି ବିଧାନ ପରିଷଦକୁ ଆଣିଥିଲେ । ମାତ୍ର ସେତେବେଳେ ମଧ୍ୟ ନେସନାଲ କନଫରେନ୍ସ କହିଥିଲା କି, ଉକ୍ତ ସ୍ୱତନ୍ତ୍ର ମର୍ଯ୍ୟଦା ଓ କାଶ୍ମୀରୀର ପରିଚୟ ମହିଳା ଅଧିକାରର ବିରୋଧୀ ହେବା ସୁନିଶ୍ଚିତ ।

ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଓମାର ଅବ୍ଦୁଲ୍ଲା ନିଜ ପାର୍ଟିର ଏପରି ସନ୍ଦେହଜନକ କଥାକୁ ଅଣଦେଖା କରି ପାରିବେ କି ? ନା ଟ୍ୱିଟର ସାମ୍ନାରେ ଗାଳି ଦେଇ ପାରିବେ କି ? କାରଣ ଏପରି ସ୍ୱେଚ୍ଛାଚାରୀତା ନିୟମର ଭାରତୀୟ ସମ୍ବିଧାନରେ କୌଣସି ସ୍ଥାନ ନାହିଁ ।